# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଲାଇସେନ୍ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡି କମିଟି ବୈଠକ ବିବରଣୀ

ତା 13.07.2022 ରିଖ,

ସମୟ-ପୂର୍ବାହ୍ନ ଘ. 11.00 ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍
୨. ଶ୍ରୀମତୀ ପୁଷ୍ପା ରାଉତ,
୩. ଶ୍ରୀମତୀ ଝରଣାରାଣୀ ପତି,
୪. ଶ୍ରୀମତୀ ପୂଜା ମହାରଣା,
୫. ଶ୍ରୀମତୀ ମଧୁସ୍ମିତା ପ୍ରଧାନ,
୬. ଶ୍ରୀମତୀ ସୁଜାତା ଛୋଟରାୟ,
୭. ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ

ଅଦ୍ୟ ତା 13.07.2022 ରିଖ ପୂର୍ବାହ୍ନ ଘ. 11.00 ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର"ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡି କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମ ଉତର ଜୋନ୍ ସ୍ଥିତ ତାରିଣୀ ମନ୍ଦିର ନିକଟରେ ଥିବା ବିଜ୍ଞାପନ ବିହୀନ ହୋର୍ଡ଼ିଂ ଷ୍ଟ୍ରକ୍‌ଚର ଉଚ୍ଛେଦ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). କୁଆଖାଇ ବ୍ରିଜ୍ ଠାରୁ ଫୁଲନଖରା ପର୍ଯ୍ୟନ୍ତ ଥିବା ନିଗମର ଇଲେକ୍ଟ୍ରି ଖୁଟରେ ହୋର୍ଡ଼ିଂ ଲଗାଯାଇଥିବା କମିଟିଙ୍କ ଦୃଷ୍ଟିକୁ ଆସିଅଛି । ଏଥିପାଇଁ କାହାକୁ ଅନୁମତି ଦିଆଯାଇନାହିଁ ବୋଲି ଉପ ଆୟୁକ୍ତ ରାଜସ୍ୱ କମିଟିଙ୍କୁ ଅବଗତ କରାଇଥିଲେ । ଯେଉଁ ସଂସ୍ଥା ଏହି ବିଜ୍ଞାପନଫଳକ ଲଗାଇଛନ୍ତି, ତାଙ୍କୁ Demand Notice ଦେବା ଏବଂ ଏହି ବିଜ୍ଞାପନ ଫଳକ ଗୁଡ଼ିକୁ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଗତ ତା ୦୩.୦୬.୨୦୨୨ ରିଖ ନିର୍ଦ୍ଧାରଣ ୧(୫) ରେ ଭୁବନେଶ୍ୱର ମହାନଗର ନିଗମାଂଚଳରେ କେତେଗୋଟି ଭେଣ୍ଡିଂଜୋନ୍ ଅଛି ଏବଂ କେତେଗୋଟି ବେଆଇନ୍ ଭେଣ୍ଡିଂଜୋନ୍ ଅଛି ତାହାର ତଥ୍ୟ କମିଟିରେ ଉପସ୍ଥାପନ କରିବା ପାଇଁ ନିଷ୍ପତି ହୋଇଥିଲେ ମଧ ଉପ ଆୟୁକ୍ତ, ମାର୍କେଟ୍ ଉପସ୍ଥାପନ କରିନଥିଲେ । ସେଥିପାଇଁ କମିଟି ଅସନ୍ତୋଷ ପ୍ରକାଶ କଲେ । ତେଣୁ ଆସନ୍ତା ମାସ ବୈଠକରେ ଉକ୍ତ ତଥ୍ୟ ଉପସ୍ଥାପନ କରିବା ପାଇଁ ଉପ ଆୟୁକ୍ତ, ମାର୍କେଟ୍‌ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 12.15 ମିନିଟ୍ ସମୟରେ ସଭା ଭଙ୍ଗ କରାଗଲା ।

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା 13.07.2022 ରିଖ